୨୦୦୯ ବର୍ଷପାଇଁ ଶ୍ରେଷ୍ଠ ସମାଜ ସେବୀ ଭାବେ ଆର.କେ. ଶର୍ମା ଓ ଶ୍ରେଷ୍ଠ ଅର୍ଥ ଓ ଯୁବସେବା ପାଇଁ ପ୍ରଫେସର ସାମ୍‌ସନ୍ ମହାରଣା ସମ୍ମାନୀତ

## ବିଶ୍ୱାସର ବାର୍ଷିକ ଉତ୍ସବରେ ବିଭିନ୍ନ ବକ୍ତାଙ୍କ ମତ

# ସୃଜନାତ୍ମକ କାର୍ଯ୍ୟ ମାଧ୍ୟମରେ ଛାତ୍ରଛାତ୍ରୀ ଅନ୍ୟପାଇଁ ଆଦର୍ଶ ସୃଷ୍ଟି କରନ୍ତୁ

ଭୁବନେଶ୍ୱର, ୦୩.୦୩ : ଛାତ୍ରଛାତ୍ରୀ ସୃଜନାତ୍ମକ କାର୍ଯ୍ୟ ମାଧ୍ୟମରେ ଅନ୍ୟପାଇଁ ଆଦର୍ଶ ସୃଷ୍ଟି କରନ୍ତୁ ବୋଲି ରାଜ୍ୟ କୃଷି, ସମବାୟ ଓ ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଡା.ଦାମୋଦର ରାଉତ କହିଛନ୍ତି । ବୁଧବାର  ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପ ଠାରେ ୨୦୦୯ ବର୍ଷର ଶ୍ରେଷ୍ଠ ସମାଜ ସେବୀ ଭାବେ ଆର.କେ. ଶର୍ମାଙ୍କୁ ଏବଂ ଶ୍ରେଷ୍ଠ ଅର୍ଥ ଓ ଯୁବସେବା ପାଇଁ ପ୍ରଫେସର ସାମ୍‌ସନ୍ ମହାରଣାଙ୍କୁ ସମ୍ମାନୀତ କରାଯିବା ପାଇଁ ଅନୁଷ୍ଠିତ ବିଶ୍ୱାସ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁସନ୍ସ ର ବାର୍ଷିକ ଉତ୍ସବରେ ମୂଖ୍ୟ ଅତିଥି ଭାବେ ଯୋଗଦେଇ ଡା.ଦାମୋଦର ରାଉତ ଛାତ୍ରଛାତ୍ରୀମାନଙ୍କୁ ଭବିଷ୍ୟତରେ ସୃଜନାତ୍ମକ କାର୍ଯ୍ୟ କରି ଜଣେ ଜଣେ ଭଲ ମଣିଷ ହେବା ପାଇଁ ଉପସ୍ଥିତ ଦର୍ଶକଙ୍କୁ ଉତ୍ସାହିତ କରିଥିଲେ ।

ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ପ୍ରତାପ ଜେନା ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଉଚ୍ଚ ଶିକ୍ଷା ଓ ସମ୍ମାନ ପ୍ରଦାନ କ୍ଷେତ୍ରରେ ବିଶ୍ୱାସ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁସନ୍ସ ଭୂମିକାକୁ ଉଚ୍ଚ ପ୍ରଶଂସା କରିବାସହ ଛାତ୍ରଛାତ୍ରୀମାନଙ୍କୁ ମିଳୁଥିବା ଶିକ୍ଷାକୁ ସେମାନେ ଅନ୍ୟମାନଙ୍କ ସହ ଭାଗ କରିବା ଉଚିତ୍ ବୋଲି କହିଥିଲେ ।ଶ୍ରୀ ଜେନା ଏହି ଅବସରରେ ପ୍ରତିଷ୍ଠାନର ମାସିକ ପତ୍ରିକା **ଭିସେଜ**ର ଫେବୃଆରୀ ସଂଖ୍ୟା ଉନ୍ମୋଚନ କରିଥିଲେ ।

ଉତ୍ସବରେ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଭିସା ଷ୍ଟିଲର ପରିଚାଳନା ନିର୍ଦ୍ଦେଶକ ବିଶାଲ ଅଗ୍ରୱାଲା କହିଥିଲେ ଯେ, ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଯେଭଳି ଉନ୍ନତ ମାନର ଶିକ୍ଷାଦାନ କରାଯାଉଛି ତାହା ଭାରତର ଯେ କୌଣସି ଉନ୍ନତ ଶିକ୍ଷାନୁଷ୍ଠାନରେ ଦିଆଯାଉଥିବା ଶିକ୍ଷାସହ ସମକକ୍ଷ ଏଥିରେ ସନ୍ଦେହ ନାହିଁ ।

ସଭାରେ ସମ୍ମାନୀତ ଅତିଥିଭାବେ ଯୋଗଦେଇ ବିଜୁ ପଟ୍ଟନାୟକ ୟୁନିଭରସିଟି ଅଫ୍ ଟେକନୋଲଜିର କୂଳପତି ପ୍ରଫେସର ଡା.ଜ୍ୟୋତିନ୍ଦ୍ର କୁମାର ଶତପଥି କହିଥିଲେ ଯେ, ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟପାଇଁ ଇଞ୍ଜିନିୟରଙ୍କ ଆବଶ୍ୟକତା ରହିଥିଲେ ମଧ୍ୟ ଭଲ ଇଞ୍ଜିନିୟରଟିଏ ମିଳିବା ଆଜିକାଲି କଷ୍ଟକର ହୋଇପଡୁଛି । ତେଣୁ ଛାତ୍ରଛାତ୍ରୀମାନେ ଜଣେଜଣେ ଭଲ ଇଞ୍ଜିନିୟର ହେବାକୁ ଚେଷ୍ଟା କରନ୍ତୁ ବୋଲି ସେ ଆହ୍ୱାନ ଦେଇଥିଲେ ।

ଉତ୍କଳ ବିଶ୍ୱବିଦ୍ୟାଳୟର କୂଳପତି ଡା.ବିନାୟକ ରଥ ସଭାରେ ଅନ୍ୟତମ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ନିଜର ଦୀର୍ଘ ଦିନର ଶିକ୍ଷା ଓ ପ୍ରଶାସନିକ ଅଭିଜ୍ଞତା ବର୍ଣ୍ଣନା କରିବା ସହ ଶିକ୍ଷାକୁ କିଭଳି ଜନାଦୃତ କରାଯାଇପାରିବ ସେ ସଂପର୍କରେ ସୁଚନା ଦେଇଥିଲେ ।

ଏହି ଅବସରରେ ବିଶ୍ୱାସ ଗ୍ରୁପର ଅଧକ୍ଷା ଶ୍ରୀମତୀ ପ୍ରତିମା ଘଡାଇ ୨୦୦୯ ବର୍ଷର ଶ୍ରେଷ୍ଠ ସମାଜ ସେବୀ ଭାବେ ଆର.କେ. ଶର୍ମାଙ୍କୁ ଏବଂ ଶ୍ରେଷ୍ଠ ଅର୍ଥ ଓ ଯୁବସେବା ପାଇଁ ପ୍ରଫେସର ସାମ୍‌ସନ୍ ମହାରଣାଙ୍କୁ ସମ୍ମାନୀତ କରିଥିଲେ । ଏହାବ୍ୟତିତ କଲେଜର ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗୀତାରେ ବିଜୟୀ ପ୍ରତିଯୋଗୀଙ୍କୁ ସେ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ ।

ବିଶ୍ୱାସ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁସନର  ଟ୍ରଷ୍ଟି ଡଃ.  ସୁବାସ ଚନ୍ଦ୍ର କୁମାର ଅତିଥି ପରିଚୟ ପ୍ରଦାନ କରିବା ସହ ଛାତ୍ରଛାତ୍ରୀ ମାନଙ୍କୁ ଏକ ଶୃଙ୍ଖଳିତ ଯୋଜନା ମାଧମରେ କିଭଳି ଭଲ କ୍ୟାରିୟର ଗଠନ କରାଯାଇପାରିବ ସେ ବିଷୟରେ ସୂଚନା ଦେଇଥିଲେ ।ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱାସ ଗ୍ରୁପ୍‌ର ମହାସଚିବ ପ୍ରଜ୍ଞାନ ରଞ୍ଜନ ଘଡାଇ, ଭିଭଟେକ ଡିନ୍ ବି.ବି.ସାଇଁ, ଅଧ୍ୟକ୍ଷ ରାଜୀବ ମହାପାତ୍ର, ଏମ୍.ବି.ରାଓ, ନିର୍ଦ୍ଦେଶକ ସୁଜିତ୍ ମହାନ୍ତି ଓ ନଳୀନ୍ ପାତ୍ର ପ୍ରମୁଖ ଉତ୍ସବରେ ଉପସ୍ଥିତ ଥିଲେ ।

ଶେଷରେ ବିଶ୍ୱାସ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁସନ୍ସର ଛାତ୍ରଛାତ୍ରୀଙ୍କ ପକ୍ଷରୁ ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା
।